# ଠିକ୍ ଉତ୍ତରଟି ବାଛ

**୧)ଟିସୁ ଯୁକ୍ତ ନିମ୍ନମାନର ପତ୍ରବିହୀନ ଉଭିଦ କିପରି ଶ୍ୱାସକ୍ରିୟା କରେ ?**

କ) ଷ୍ଟୋମାଟା ଦ୍ୱାରା   ଖ) ବିସରଣ କ୍ରିୟା ଦ୍ୱାରା

ଗ) ଉଭୟ   ଘ) କୌଣସିଟି ନୁହେଁ

**୨) ଉଭିଦରେ ଶ୍ୱସନ ପାଇଁ କେଉଁଟି ମୁଖ୍ୟ ଅଙ୍ଗ ?**

କ) ଷ୍ଟୋମାଟା   ଖ) ଜାଇଲେମ୍

ଗ) ଫ୍ଲୋଏମ୍   ଘ) କୌଣସିଟି ନୁହେଁ

**୩) ଷ୍ଟୋମାଟା ବାଟ ଦେଇ କେଉଁ କେଉଁ ପଦାର୍ଥର ବିନିମୟ ହୁଏ ?**

କ) ଅମ୍ଳଜାନ ଓ ଅଙ୍ଗାରକାମ୍ଳ   ଖ) ଯବକ୍ଷାରଜାନ ଓ ଆର୍ଗନ୍

ଗ) ଉଦ୍‌ଜାନ ଓ ଜଳୀୟବାଷ୍ପ   ଘ) ଜଳୀୟବାଷ୍ପ ଓ ଆର୍ଗନ୍

**୪) ଶ୍ୱାସକ୍ରିୟାର ପ୍ରଣାଳୀ ଦୃଷ୍ଟିରୁ ନିମ୍ନ ଲିଖିତ କେଉଁଟିରେ ଅସମ ଜାତୀୟ ପ୍ରାଣୀ ଅଛନ୍ତି ?**

କ) ଏମିବା, ସ୍ପଞ୍ଜ, ହାଇଡ୍ରା

ଖ) ଜିଆ, ଜୋକ, ବେଙ୍ଗ

ଗ) କଙ୍କଡ଼ା, ଚିଙ୍ଗୁଡ଼ି, ଶାମୁକା

ଘ) ସାପ, ପାରା, ବେଙ୍ଗ

**୫) ନିମ୍ନଲିଖିତ ମଧ୍ୟରୁ କିଏ ପାଣିରେ ରହୁଥିଲେ ମଧ୍ୟ ଫୁସ୍‌ଫୁସ୍ ଦ୍ୱାରା ଶ୍ୱାସକ୍ରିୟା କରେ ?**

କ) ମାଛ   ଖ) କଇଁଛ   ଗ) ଚିଙ୍ଗୁଡ଼ି   ଘ) ଶାମୁକା

**୬) ଶ୍ୱାସରନ୍ଧ୍ର ମଧ୍ୟଦେଇ କେଉଁ ପ୍ରାଣୀ ଶ୍ୱାସକ୍ରିୟା କରେ ?**

କ) କୃମି   ଖ) କଙ୍କଡ଼ା   ଗ) ଅସରପା   ଘ) ବତକ

**୭) ଜୈବିକ ଜାରଣ ପାଇଁ ଆବଶ୍ୟକ ହେଉଥିବା ଏନ୍‌ଜାଇମ୍ କେଉଁଠାରେ ଥାଆନ୍ତି ?**

କ) ମାଇଟୋକଣ୍ଡ୍ରିଆ   ଖ) କୋଷଜୀବକ

ଗ) ଉଭୟରେ   ଘ) କୌଣସିଟିରେ ନୁହନ୍ତି

**୮) ପେଶୀର ସଙ୍କୋଚନ ଭଳି ପ୍ରକ୍ରିୟାରେ କେଉଁ ଅଣୁଟି ବ୍ୟବହୃତ ହୁଏ ?**

କ) Pi   ଖ) ADP   ଗ) NADP   ଘ) ATP

**୯) ନାସାପଥ ପଛରେ କାହା ମଧ୍ୟକୁ ଖୋଲି ଥାଏ ?**

କ) ଗ୍ରସନୀ   ଖ) ସ୍ୱରପେଟିକା

ଗ) ସ୍ୱରତନ୍ତ୍ରୀ   ଘ) ଟନ୍‌ସିଲ୍

**୧୦) କେଉଁଟି ଏକ ଲସିକାଭ ଅଙ୍ଗ ?**

କ) ଲାଳଗ୍ରନ୍ଥି   ଖ) ପିଟୁଇଟାରୀ   ଗ) ଟନ୍‌ସିଲ୍   ଘ) ଫୁସ୍‌ଫୁସ୍